# NATIONAL NEWS BULLETIN (ODIA)
## 23rd June - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଭାରତର ମହାନ୍ ଆଧ୍ୟାତ୍ମିକ ପ୍ରବକ୍ତା ଶ୍ରୀ ନାରାୟଣ ଗୁରୁ ଏବଂ ଜାତିର ପିତା ମହାତ୍ମାଗାନ୍ଧିଙ୍କ ମଧ୍ୟରେ ଐତିହାସିକ ଆଲୋଚନାର ଶତବାର୍ଷିକୀ ସମାରୋହକୁ ଆସନ୍ତାକାଲି  ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ଆଧାରିତ ପୁସ୍ତକକୁ ଉନ୍ମୋଚନ କଲେ ପ୍ରତିରକ୍ଷା ମନ୍ତ୍ରୀ ।

- ବୁଥ୍‌ସ୍ତରୀୟ ନିର୍ବାଚନ ଅଧିକାରୀ ଓ ପର୍ଯ୍ୟବେକ୍ଷକଙ୍କ ତ୍ରୟୋଦଶ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ନୂଆଦିଲ୍ଲୀରେ ଆରମ୍ଭ ।

- ସାମ୍ପ୍ରତିକ ପରିସ୍ଥିତି ନେଇ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପାଇଁ ରୁଷ୍‌ରେ ପହଞ୍ଚିଲେ ଇରାନ ବୈଦେଶିକ ମନ୍ତ୍ରୀ ।

ଏବଂ

- ହେଡିଙ୍ଗ୍‌ଲେ ଟେଷ୍ଟରେ ଭାରତର ଦ୍ୱିତୀୟ ଇନିଙ୍ଗ୍‌ସ ବ୍ୟାଟିଂ ଜାରି ।

## ପି.ଏମ୍. - ସେଣ୍ଟେନାରୀ ସେଲିବ୍ରେସନ୍

ଭାରତର ମହାନ୍ ଆଧ୍ୟାତ୍ମିକ ପ୍ରବକ୍ତା ଶ୍ରୀ ନାରାୟଣ ଗୁରୁ ଏବଂ ଜାତିର ପିତା ମହାତ୍ମାଗାନ୍ଧିଙ୍କ ମଧ୍ୟରେ ଐତିହାସିକ ଆଲୋଚନାର ଶତବାର୍ଷିକୀ ସମାରୋହକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିବେ । ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହ ଆଧ୍ୟାତ୍ମିକ ପ୍ରବକ୍ତା ଏବଂ ଅନ୍ୟ ସଦସ୍ୟଙ୍କୁ ଭାରତର ସାମାଜିକ ଓ ନୈତିକ ଗଠନ ଉପରେ ମାର୍ଗଦର୍ଶନ କରିବ । ୧୯୨୫ ମସିହା ମାର୍ଚ୍ଚ ୧୨ ତାରିଖରେ ଶିବଗିରି ମଠଠାରେ ଏହି ଦୁଇ ମହାନ୍ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଅହିଂସା, ଅସ୍ପୃଶ୍ୟତାର ବିଲୋପ, ମୋକ୍ଷପ୍ରାପ୍ତି, ଦଳିତଙ୍କ ଉତ୍‌ଥାନ, ଧାର୍ମିକ ପରିବର୍ତ୍ତନ ଏବଂ ବୈକମ୍ ସତ୍ୟାଗ୍ରହ ପ୍ରସଙ୍ଗରେ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି ଦୁଇ ନେତାଙ୍କଦ୍ୱାରା ପରିଚାଳିତ ସାମାଜିକ ନ୍ୟାୟ, ଏକତା ଏବଂ ଆଧ୍ୟାତ୍ମିକ ସମନ୍ୱୟର ଦୃଷ୍ଟିକୋଣ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ଶତବାର୍ଷିକୀ ସମାରୋହର ଆୟୋଜନ କରାଯାଇଛି ।

## ମୋଦି - ପି.ଏମ୍. ମ୍ୟୁଜିୟମ୍

ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଏବଂ ପାଠାଗାର ପରିଷଦର ୪୭ତମ ବାର୍ଷିକ ସାଧାରଣ ବୈଠକ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏହି ସଂଗ୍ରହାଳୟକୁ ୨୦୨୨ ମସିହାରେ ଶ୍ରୀ ମୋଦି ଉଦ୍‌ଘାଟନ କରିଥିଲେ । ଦେଶର ସମସ୍ତ ପ୍ରଧାନମନ୍ତ୍ରୀଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ ତଥା ଗଣତାନ୍ତ୍ରିକ ସମାଜରେ ପ୍ରତ୍ୟେକ ବର୍ଗ ଏବଂ ସ୍ତରର ନେତା ରାଷ୍ଟ୍ର ନିର୍ମାଣରେ ଦେଇଥିବା ଯୋଗଦାନର ସ୍ମାରକୀ ଏହି ସଂଗ୍ରହାଳରେ ପ୍ରଦର୍ଶିତ ହେଉଛି । ବୈଠକରେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ରାଜନାଥ ସିଂହ, ନିର୍ମଳା ସୀତାରମଣ, ଅଶ୍ୱିନୀ ବୈଷ୍ଣବ, ଗଜେନ୍ଦ୍ର ସିଂ ଶେଖାୱତ ଏବଂ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରେସିଡେଣ୍ଟ - ବୁକ୍ ଲଞ୍ଚ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭାଷଣ ଉପରେ ପର୍ଯ୍ୟବସିତ ପୁସ୍ତକ ‘Wings to Our Hopes’ର ଦ୍ୱିତୀୟ ଭାଗକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉନ୍ମୋଚନ କରିଛନ୍ତି । ନୂଆଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ଏହି ପୁସ୍ତକକୁ ଉନ୍ମୋଚନ କରି କହିଛନ୍ତି, ସଭ୍ୟତାଠାରୁ

ସଂସ୍କୃତି, ଶିକ୍ଷାଠାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗ ଏହି ପୁସ୍ତକରେ ସ୍ଥାନିତ ହୋଇଛି । ଅଗଷ୍ଟ ୨୦୨୩ରୁ ଜୁଲାଇ ୨୦୨୪ ମଧ୍ୟରେ ରାଷ୍ଟ୍ରପତି ପ୍ରଦାନ କରିଥିବା ଅଭିଭାଷଣଗୁଡ଼ିକ ଏଥିରେ ସ୍ଥାନିତ ହୋଇଛି । ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ଦିଗରେ ଏହି ପୁସ୍ତକ ପ୍ରେରଣା ପ୍ରଦାନ କରିବ । ସରକାରଙ୍କ ମହିଳା ନେତୃତ୍ୱାଧୀନ ବିକାଶ ଆଭିମୁଖ୍ୟ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, 'ଅପରେସନ୍ ସିନ୍ଦୂର' ଆତଙ୍କବାଦୀଙ୍କ ମଧ୍ୟରେ ଭୟ ସଞ୍ଚାର କରିଛି ।

***Voice (Rajnath)*** :........

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପୁସ୍ତକ ରାଷ୍ଟ୍ରପତି ମୁର୍ମୁଙ୍କ ବିକାଶମୁଖୀ ଚିନ୍ତାଧାରା ଆଗାମୀ ପିଢ଼ିକୁ ମାର୍ଗଦର୍ଶନ କରିବ ।

ଏହି ପୁସ୍ତକଟି ଇ-ସଂସ୍କରଣ ସହିତ ହିନ୍ଦୀ ଏବଂ ଇଂରାଜୀ ଭାଷାରେ ପ୍ରକାଶିତ ହୋଇଛି । ରାଷ୍ଟ୍ରପତି ଭବନର ପ୍ରକାଶନ ବିଭାଗଦ୍ୱାରା ମୁଦ୍ରଣ ହୋଇଥିବା ଏହି ପୁସ୍ତକରେ ରାଷ୍ଟ୍ରପତିଙ୍କ ଦ୍ୱିତୀୟ ବର୍ଷ କାର୍ଯ୍ୟକାଳରେ ତାଙ୍କର ଦୃଷ୍ଟିକୋଣ, ଦର୍ଶନ ଆଦି ପ୍ରଦର୍ଶନ କରୁଥିବା ୫୧ଟି ଅଭିଭାଷଣ ସ୍ଥାନିତ ହୋଇଛି ।

# ଶାହା – ଜୋନାଲ୍ କାଉନ୍‌ସିଲ୍ ମିଟିଂ

କେନ୍ଦ୍ରୀୟ ଜୋନାଲ୍ ପରିଷଦର ୨୫ତମ ବୈଠକ ଆସନ୍ତାକାଲି ଉତ୍ତର ପ୍ରଦେଶର ବାରାଣସୀଠାରେ ଅନୁଷ୍ଠିତ ହେବ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ବୈଠକରେ ସଦସ୍ୟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ମନ୍ତ୍ରିମଣ୍ଡଳର ଦୁଇ ଜଣ ଲେଖାଏଁ ବରିଷ୍ଠ ମନ୍ତ୍ରୀ ଯୋଗଦେବେ । କେନ୍ଦ୍ରୀୟ ଜୋନାଲ୍ ପରିଷଦରେ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଉତ୍ତର ପ୍ରଦେଶ ରାଜ୍ୟ ରହିଛନ୍ତି । ବିଭିନ୍ନ କ୍ଷେତ୍ରରେ ପାରସ୍ପରିକ ବୁଝାମଣା ଏବଂ ସହଯୋଗକୁ ସୁଦୃଢ଼ କରିବାରେ ଜୋନାଲ୍ ପରିଷଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଏହି ବୈଠକରେ ଆଞ୍ଚଳିକ ତଥା ଜାତୀୟ ପ୍ରସଙ୍ଗଗୁଡ଼ିକ ଉପରେ ମତ ବିନିମୟ ହେବ । ମହିଳା ଏବଂ ଶିଶୁଙ୍କ ବିରୋଧରେ ଯୌନ ଅପରାଧ ମାମଲାଗୁଡ଼ିକର ତ୍ୱରିତ ତଦନ୍ତ ଏବଂ ଏହାର ସମାଧାନ ପାଇଁ ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ଅଦାଲତଗୁଡ଼ିକର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି । ସବୁ ରାଜ୍ୟ, କେନ୍ଦ୍ରୀୟ ମନ୍ତ୍ରଣାଳୟ ତଥା ବିଭାଗ ସହଯୋଗରେ ଗତ ଦଶନ୍ଧି ମଧ୍ୟରେ ବିଭିନ୍ନ ଜୋନାଲ୍ ପରିଷଦ ଏବଂ ସେଗୁଡ଼ିକର ସ୍ଥାୟୀ କମିଟିର ମୋଟ୍ ୬୧ଟି ବୈଠକ ଅନୁଷ୍ଠିତ ହୋଇଛି ।

# ଇ.ସି. ଟ୍ରେନିଂ

ବୁଥ୍‌ସ୍ତରୀୟ ନିର୍ବାଚନ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକଙ୍କ ତ୍ରୟୋଦଶ ପର୍ଯ୍ୟାୟ ତାଲିମ୍ କାର୍ଯ୍ୟକ୍ରମ ଆଜି ଆରମ୍ଭ ହୋଇଛି । ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍‌ସନ୍ ମ୍ୟାନେଜ୍‌ମେଣ୍ଟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଶୁଭାରମ୍ଭ କରିଛନ୍ତି । ସେ କହିଛନ୍ତି, ଭୋଟର୍ ତାଲିକା ପ୍ରସ୍ତୁତି ଏବଂ ଲୋକ ପ୍ରତିନିଧିତ୍ୱ ଆଇନ ଅନୁଯାୟୀ ନିର୍ବାଚନ ପରିଚାଳନାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ଏହି ତାଲିମ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଗଣତନ୍ତ୍ରରେ ଆଇନ ସବୁଠାରୁ ସ୍ୱଚ୍ଛ ଏବଂ ଭାରତରେ ନିର୍ବାଚନ ଆଇନ ଅନୁଯାୟୀ ଅନୁଷ୍ଠିତ ହୋଇଥାଏ ବୋଲି ସେ କହିଛନ୍ତି । ଏହି ପର୍ଯ୍ୟାୟରେ ୩୭୯ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ପର୍ଯ୍ୟବେକ୍ଷକ ଅଂଶଗ୍ରହଣ କରୁଛନ୍ତି । ଗତ ୩ ମାସ ମଧ୍ୟରେ ନିର୍ବାଚନ କମିଶନଙ୍କଦ୍ୱାରା ୫ ହଜାରରୁ ଅଧିକ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇ ସାରିଲାଣି । ଭୋଟର୍ ପଞ୍ଜୀକରଣ, ଫର୍ମ ପୂରଣ ଏବଂ ନିର୍ବାଚନ ପ୍ରକ୍ରିୟାରେ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଉପକରଣ ବ୍ୟବହାର, ଇ.ଭି.ଏମ୍. ଏବଂ ଭି.ଭି.ପାଟ୍‌ର ବୈଷୟିକ ଉପଯୋଗ ଉପରେ ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଉଛି ।

# ଇରାନ୍-ଇସ୍ରାଏଲ୍ କନ୍‌ଫ୍ଲିକ୍ଟ

ଇରାନ୍‌ର କେର୍‌ମାନଶାହା ପ୍ରଦେଶସ୍ଥିତ ସାମରିକ ଭିତ୍ତିଭୂମିଗୁଡ଼ିକୁ ଲକ୍ଷ୍ୟ କରି ଇସ୍ରାଏଲ୍ ପକ୍ଷରୁ ଭୂପୃଷ୍ଠରୁ ଭୂପୃଷ୍ଠ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର ଆକ୍ରମଣ କରାଯାଇଛି । ଇସ୍ରାଏଲ୍ ସେନା କହିଛି, ଇରାନ ନିକ୍ଷେପ କରିଥିବା କ୍ଷେପଣାସ୍ତ୍ରକୁ ଇସ୍ରାଏଲ୍ ନିଷ୍କ୍ରିୟ କରିବା ସହ ଇରାନ୍ ଉପରେ ଏଭଳି ପ୍ରତି-ଆକ୍ରମଣ କରାଯାଇଛି । ଅନ୍ୟପକ୍ଷରେ ଇରାନ୍‌ର କ୍ଷେପଣାସ୍ତ୍ର ତଥା ଡ୍ରୋନ୍ ଆକ୍ରମଣରେ ଇସ୍ରାଏଲ୍‌ର କେତେକ ଅଞ୍ଚଳରେ ବିସ୍ଫୋରଣ ଘଟିଥିବା ଜଣାପଡ଼ିଛି ।

ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ଏବଂ ଗ୍ୟାସ୍ ପରିବହନ ମାର୍ଗ ମଧ୍ୟରୁ ଅନ୍ୟତମ ହର୍‌ମୁଜ୍ ପ୍ରଣାଳୀକୁ ବନ୍ଦ କରିବା ସଂକ୍ରାନ୍ତ ଏକ ପ୍ରସ୍ତାବ ଇରାନ୍ ସଂସଦରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି । ତେବେ ଏହାର କାର୍ଯ୍ୟକାରିତା ନେଇ ଇରାନ୍‌ର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦ ନିଷ୍ପତ୍ତି ଗ୍ରହଣ କରିବ ।

ଆମେରିକା ସେନାକୁ ସତର୍କ ରହିବାପାଇଁ ସେଦେଶର ସାମରିକ ଅଧିକାରୀ ପରାମର୍ଶ ଦେଇଛନ୍ତି । ହର୍‌ମୁଜ୍ ପ୍ରଣାଳୀକୁ ଉନ୍ମୁକ୍ତ ରଖିବାପାଇଁ ଆମେରିକା ନୌସେନା ପଦକ୍ଷେପ ଗ୍ରହଣ କରିବାର ସମ୍ଭାବନା ରହିଛି । ଶକ୍ତି ସୁରକ୍ଷା ଏବଂ ଆର୍ଥିକ ସ୍ଥିରତା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ଆମେରିକା ପ୍ରସ୍ତୁତ ହେଉଥିବା ପେଣ୍ଟାଗନ୍ ରିପୋର୍ଟ ସୂତ୍ରରୁ ଜଣାପଡ଼ିଛି ।

ଇରାନ୍‌ର ବୈଦେଶିକ ମନ୍ତ୍ରୀ ଆବାସ୍ ଅରଘାଚି ଆଜି ଆଲୋଚନାପାଇଁ ରୁଷ୍‌ରେ ପହଞ୍ଚିଛନ୍ତି । ସେଠାରେ ସେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସାମ୍ପ୍ରତିକ ପରିସ୍ଥିତି ନେଇ ଆଲୋଚନା କରିବେ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **"ରକ୍ତଦାନ : ସାମାନ୍ୟ ପଦକ୍ଷେପର ବୃହତ ପ୍ରଭାବ"** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟର ଡି.ଡି.ଜି. ଡାକ୍ତର ମେଘା ପ୍ରବୀନ ଖୋବ୍ରାଗେଡ୍ ଏବଂ ନୂଆଦିଲ୍ଲୀ ଏମ୍‌ସର ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଗୋପାଳ ପଟ୍ଟିଦାର ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ

ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଜିତେନ୍ଦ୍ର - ସାଇନ୍ସ

ପ୍ରଯୁକ୍ତିବିଦ୍ୟାକୁ ଭାରତ ଗତ ୧୧ ବର୍ଷ ମଧ୍ୟରେ ଅଭିବୃଦ୍ଧିର ମୁଖ୍ୟ ଆଧାର ଭାବେ ପରିଣତ କରିଛି ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି । ନୂଆଦିଲ୍ଲୀରେ ସରକାରଙ୍କ ଗତ ୧୧ ବର୍ଷରେ ବିଜ୍ଞାନ କ୍ଷେତ୍ରରେ ମିଳିଥିବା ସଫଳତା ଉପରେ ଗଣମାଧ୍ୟମକୁ ସମ୍ବୋଧନ କରି ଡକ୍ଟର ସିଂହ ଏହା କହିଛନ୍ତି । ୨୦୧୪ ମସିହାରେ ଦେଶରେ କେବଳ ୫୦ଟି ବାୟୋଟେକ୍ ଷ୍ଟାର୍ଟଅପ୍ ରହିଥିବାବେଳେ ଏବେ ଏହା ୧୦ ହଜାରରୁ ଅଧିକ ହୋଇଛି । ଜୈବ ବିବିଧତାକୁ ନିରନ୍ତର ବିକାଶର ଏକ ମାଧ୍ୟମ ଭାବେ ସରକାର ଉପଯୋଗ କରିଛନ୍ତି ବୋଲି ସେ କହିଛନ୍ତି । ଏହି ଅବସରରେ ଡକ୍ଟର ସିଂହ ନବଭାରତ ଗଠନରେ ବିଜ୍ଞାନ, ନବସୃଜନ ଏବଂ ପ୍ରଶାସନିକ ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଛନ୍ତି । ଗତ ଦଶନ୍ଧି ମଧ୍ୟରେ ସଫଳ ପଦକ୍ଷେପ ଯୋଗୁଁ ଭାରତ ଦଶମ ବୃହତ ଅର୍ଥନୀତିର ଊର୍ଦ୍ଧ୍ୱକୁ ଉଠି ଚତୁର୍ଥ ସ୍ଥାନରେ ପହଞ୍ଚିଛି । ଗବେଷଣା ଏବଂ ଅନୁସନ୍ଧାନପାଇଁ ନୂତନ କ୍ଷେତ୍ରଗୁଡ଼ିକ ଉପରେ ଧ୍ୟାନ

କେନ୍ଦ୍ରୀଭୂତ କରିବାକୁ ଡକ୍ଟର ସିଂହ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଫଳରେ ଦେଶ ଚତୁର୍ଥ ବୃହତ୍ତମ ଅର୍ଥନୀତିରୁ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇପାରିବ ବୋଲି ଡକ୍ଟର ସିଂହ ଆଶା ପ୍ରକାଶ କରିଛନ୍ତି ।

## ଇଣ୍ଡିଆ-ଇଂଲଣ୍ଡ ଟେଷ୍ଟ ମ୍ୟାଚ୍

ଆଣ୍ଡର୍ସନ-ତେନ୍ଦୁଲ୍‌କର ଟେଷ୍ଟ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଭାରତର ଦ୍ୱିତୀୟ ଇନିଙ୍ଗ୍‌ସ ବ୍ୟାଟିଂ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ୩ ୱିକେଟ୍‌ରେ ୨୨୫ ରନ୍ ସଂଗ୍ରହ କରିଥିଲା । ଋଷଭ୍ ପନ୍ଥ ୭୬ ରନ୍ ଏବଂ କେ.ଏଲ୍. ରାହୁଲ୍ ୯୭ ରନ୍ ସହ କ୍ରିଜ୍‌ରେ ଅପରାଜିତ ଥିଲେ । ଲିଡ୍‌ସ୍‌ର ହେଡିଙ୍ଗ୍‌ଲେ'ଠାରେ ଚାଲିଥିବା ଏହି ମ୍ୟାଚ୍‌ର ଆଜିର ଚତୁର୍ଥ ଦିନର ଖେଳ ଗତକାଲିର ୨ ୱିକେଟ୍‌ରେ ୯୦ ରନ୍‌ରୁ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା । ମାତ୍ର ୨ ରନ୍ ପରେ ଭାରତ ତା'ର ତୃତୀୟ ୱିକେଟ୍ ଭାବେ ଶୁଭମନ୍ ଗିଲ୍‌ଙ୍କୁ ହରାଇଥିଲା । ୯୨ ରନ୍‌ରେ ଭାରତ ୩ଟି ୱିକେଟ୍ ହରାଇଥିଲା । ଋଷଭ୍ ପନ୍ଥ ଏବଂ କେ.ଏଲ୍. ରାହୁଲ୍ ଭାରତର ସ୍ଥିତିକୁ ସମ୍ଭାଳିଛନ୍ତି । ସୂଚନାଯୋଗ୍ୟ, ଭାରତ ତା'ର ପ୍ରଥମ ଇନିଙ୍ଗ୍‌ସ୍‌ରେ ୪୭୧ ରନ୍ ସଂଗ୍ରହ କରିଥିବାବେଳେ ଇଂଲଣ୍ଡ ୪୬୫ ରନ୍ ସଂଗ୍ରହ କରିଥିଲା ।

*****